## ପିକକ୍ ପକ୍ଷରୁ ବାଲିଅନ୍ତା ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

ବାଲିଅନ୍ତା ୮/୩: ନାରୀ ଶକ୍ତିର ପ୍ରତୀକ ଓ ନାରୀ ବିନା ସୃଷ୍ଟି ଅସମ୍ଭବ । ନାରୀ ଶକ୍ତିର ପ୍ରକୃଷ୍ଟ ଉଦାହରଣ ହେଲେ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ତଥା ଦକ୍ଷତା ପ୍ରଦର୍ଶନକରିଥିବା ସଫଳ ମହିଳାମାନେ । ସମାଜ ର ବିକାଶ ଓ ଏକ ସୁନ୍ଦର ଭବିଷ୍ୟତ ଗଠନରେ ମହିଳା ମାନଙ୍କର ସକ୍ରିୟ ଭାଗିଦାରୀତା ଓ ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ । ଏଥିପାଇଁ ମହିଳା ମାନଙ୍କର ଅଧିକାର, ସମାନତା ଓ ସଶକ୍ତିକରଣ ଉପରେ ବିଶେଷଧାନ ଦେବା ଆବଶ୍ୟକ ବୋଲି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ହୋଇଥିବା ସଭାରେ ଯୋଗଦେଇ ବିଶିଷ୍ଟ ବକ୍ତା ମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଆୟୋଜନ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ୍ କଲଚରାଲ୍ ସେଣ୍ଟର (ପିକକ୍) ଓ ରୋଟାରି କ୍ଲବ ଭୁବନେଶ୍ୱର ୟୁନିକ୍ ଦ୍ୱାରା ବାଲିଅନ୍ତା ଉଚ୍ଚ ବିଦ୍ୟାଳୟରେ କରାଯାଇଥିଲା । ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ଏହି ସଭାରେ ସ୍ୱାଗତ ଭାଷଣ ଦେଇ ସମସ୍ତଙ୍କୁ ମହିଳା ଦିବସ ର ଶୁଭେଚ୍ଛା ଜଣାଇଥିଲେ ଓ ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଆଜି ଦିନରେ ସମସ୍ତେ ମହିଳା ମାନଙ୍କ ସଫଳତାକୁ ପାଳନ କରିବା ସହିତ ଏକ ବିକଶିତ ସମାଜ ଓ ସୁନ୍ଦର ଭବିଷ୍ୟତ ପାଇଁ ସବୁକ୍ଷେତ୍ରରେ ମହିଳା ମାନେ ଆଗକୁ ବଢି ନେତୃତ୍ୱ ନେବା ଆବଶ୍ୟକ ବୋଲି ନିଜର ମତ ରଖିଥିଲେ । ପରେପରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ସଭାକୁ ଉଦ୍‌ଘାଟନ କରିଥିଲେ । ପିକକ୍ ର ଅଧକ୍ଷା ଡଃ ମିନାକ୍ଷୀ ପଣ୍ଡା ମଧ ଏହି ସଭାକୁ ସମ୍ବୋଧିତ କରିଥିଲେ । ରୋଟାରୀ କ୍ଲବ ଭୁବନେଶ୍ୱର ୟୁନିକର ରୋଟାରିଆନ ଆର୍ଯ୍ୟା ପାଣିଗ୍ରାହୀ, ରୋଟାରିଆନ ଦିବ୍ୟ ରଞ୍ଜନ ଦାସ, ରୋଟାରିଆନ ରଞ୍ଜିତା ସେନାପତି ପ୍ରମୁଖ ମହିଳା ଦିବସର ଶୁଭେଚ୍ଛା ଜଣାଇ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ପଞ୍ଚାୟତର ସରପଞ୍ଚ କୃଷ୍ଣ କେଶବ ଆପଟ, ବାଲିଅନ୍ତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭବାନୀ କୁମାରୀ ମହାପାତ୍ର , ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ, ବାଲିଅନ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଏଚଇଓ ସନ୍ତୋଷ କୁମାର ସେଠୀ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଅନ୍ତା ବ୍ଲକର ସଫଳ ମହିଳା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ଡାକ୍ତର ଅର୍ପିତା ସେଠୀ, (ବିଡିଏସ), ସିଏଚସି, ବାଲକାଟୀ, ଶ୍ରୀମତୀ କାବେରୀ ମାଝି, ସହାୟକ ଶିକ୍ଷୟତ୍ରୀ, ଶ୍ରୀ ଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ, କାକରୁଦ୍ରପୁର, ଶ୍ରୀମତୀ ଶକୁନ୍ତଳା ପରିଡା, ଅଙ୍ଗନବାଡି କର୍ମୀ, ଜଗନ୍ନାଥପୁର, ଶ୍ରୀମତୀ କଳ୍ପନା ଜେନା, ଆଶା କର୍ମୀ, ବୁଦ୍ଧିପଦା ଗ୍ରାମ, ପୁରଣପ୍ରଧାନ ଗ୍ରାମ ପଞ୍ଚାୟତଓ ଶ୍ରୀମତୀ ଶ୍ରଦ୍ଧୟା ପାତ୍ର, ସରପଞ୍ଚ, ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ। ଏହି କାର୍ଯ୍ୟକ୍ରମ ରେ ବାଲିଅନ୍ତା ବ୍ଲକର ୧୦୦ ରୁ ଅଧିକ ମହିଳା, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ସାମୁଖ୍ୟର ସଦସ୍ୟା, ବିଦ୍ୟାଳୟ ର ଛାତ୍ର, ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ସର୍ବଶେଷରେ ପିକକ୍ ର ବ୍ଲକ ସଂଯୋଜିକା ଉପମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପିକକ୍ ର ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।